## ସଂକ୍ଷେପରେ

### ବ୍ୟାନର ଚିରା ମାମଲା: ଅଭିଯୁକ୍ତଙ୍କୁ ଜାମିନ

ବ୍ରହ୍ମପୁର,୮।୫(ସୁବାସ ଚନ୍ଦ୍ର ପାଢ଼ୀ): ବିଜେଡିର ପ୍ରଚାର ଗାଡି ବ୍ୟାନର ଚିରି ଗାଡି ଭଙ୍ଗାରୁଜା ସହ ଡ୍ରାଇଭରଙ୍କୁ ମାଡ ଓ ଜାତିଆଣ କଟୁ ମନ୍ତବ୍ୟ ଘଟଣାରେ ଗୋଳନ୍ଥରା ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଶଙ୍କର ଗୌଡ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିଲା। ତାଙ୍କ ଜାମିନ ପାଇଁ ଆଇନଜୀବୀ ରଘୁନାଥ ପ୍ରସାଦ ପାଣିଗ୍ରାହୀ କୋର୍ଟରେ ଆବେଦନ କରିଥିଲେ। ସରକାରୀ ଓକିଲ ଜାମିନର ଦୃଢ଼ ବିରୋଧ କରିଥିଲେ। ଜିଲାଜଜ ଦାୟିତ୍ୱରେ ଥିବା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଆବେଦନର ଶୁଣାଣି କରି ଜାମିନ ମଞ୍ଜୁର କରିଛନ୍ତି। ଶଙ୍କରଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ସୂଚନାଯୋଗ୍ୟ, ମଙ୍ଗଳବାର ଓଡି ୦୭ ଏମ ୧୧୭୩ ନମ୍ବର ବିଜେଡିର ପ୍ରଚାର ଗାଡିକୁ ନେଇ ଡ୍ରାଇଭର ତ୍ରିନାଥ ସେଠୀ ଓ ହେଲପର ଅଜିତ କର ପ୍ରମୁଖ ଚଟି-ମନ୍ତ୍ରୀଡି ରାସ୍ତା ଦେଇ ପ୍ରଚାରରେ ଯାଉଥିଲେ। ଭାଜପାର କେତେଜଣ କର୍ମୀଙ୍କ ସହ କଥା କଟାକଟି ହୋଇଥିଲା। ପରେ ଚାଳକ ତ୍ରିନାଥଙ୍କୁ ଟାଣି ଆଣି ମାଡ଼ ମାରିବା ସହ ଜାତିଆଣ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିଥିଲେ। ତାଙ୍କର କିଛି ସମର୍ଥକ ଗାଡ଼ିର କାଚ ଭଙ୍ଗାରୁଜା କରି ବ୍ୟାନର ଚିରି ଦେଇଥିଲେ। ଏ ସଂକ୍ରାନ୍ତରେ ତ୍ରିନାଥ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ନଂ.୨୦୯/୨୪ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

### ଆସିକା ଏନ୍ଏସିରେ ବିଜେଡିର ପ୍ରଚାର

ଆସିକା, ୮।୫ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଧାନସଭା ଆସନର ବିଜେଡି ପ୍ରାର୍ଥୀନୀ ମଞ୍ଜୁଳା ସ୍ୱାଇଁଙ୍କ ପକ୍ଷରୁ ବୁଧବାର ଆସିକା ଏନ୍ଏସିର ବିଭିନ୍ନ ୱାର୍ଡରେ ପ୍ରଚାର କରାଯାଇଛି। ଅପରାହ୍ନରେ ଏହି ଏନଏସିର ପାକଲାପଲ୍ଲୀ, ଲାଲାଶାସନ, ଲଛମନପଲ୍ଲୀ, ତାଲୁକା ରୋଡ, ପାଢୀ କଲୋନୀ, ନୃସିଂହ ମନ୍ଦିର ସାହି, ଗଣ୍ଡପଲ୍ଲୀ ଆଦି ଗ୍ରାମରେ ପ୍ରାର୍ଥୀନୀ ସ୍ୱାଇଁ ଭୋଟ ଭିକ୍ଷା କରିବା ସହ ପଥପ୍ରାନ୍ତ ସଭା କରିଥିଲେ। ଏହି ଅବସରରେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭାବରେ ବିଜୟ କରି ନବୀନ ବାବୁଙ୍କୁ ଷଷ୍ଠଥର ଲାଗି ମୁଖ୍ୟମନ୍ତ୍ରୀ କରିବା ନିମନ୍ତେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଆସିକା ଏମପି. ପ୍ରମିଳା ବିଷୋୟୀ, ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଉପାଧକ୍ଷା ଜୟନ୍ତୀ ବିଷୋୟୀ, ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ମନୋଜ ଦୋରା, ଦିଲ୍ଲୀପ ପାଣିଗ୍ରାହୀ, ସୀମାଞ୍ଚ ପରିଡା, ରବିନ୍ଦ୍ରନାଥ ପୋଲାଇ, କୈଳାସ ପ୍ରଧାନ, ଲବ ସାହୁ, ସିନେ ତାରକା ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ସାମିଲ ଥିଲେ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୮।୫(ସୁବାସ ଚନ୍ଦ୍ର ପାଢ଼ୀ):ସ୍ଥାନୀୟ ଆଙ୍କୁଲି ଝାମି ମନ୍ଦିର ରାସ୍ତା ନିକଟ ରେଳ ଧାରଣାରୁ ବୁଧବାର ସକାଳେ ରେଳବାଇ ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଗୋଇଲୁଣ୍ଡିର ପି.ଅନିଲ ପାତ୍ର(୩୫)। ଘରୋଇ ଅଶାନ୍ତିରୁ ସେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏ ନେଇ ବ୍ରହ୍ମପୁର ସରକାରୀ ରେଳବାଇ ଥାନାରେ ଅପମୃତ୍ୟୁ ମାମଲା (ନଂ. ୪୦/୨୪) ରୁଜୁ ହୋଇଛି। ଅଟୋ ଚାଳକ ଅନିଲଙ୍କ ବିଭିନ୍ନ କାରଣକୁ ସ୍ତ୍ରୀଙ୍କ ସହ କଳହ ଲାଗି ରହିଥିଲା। ଯାହାକୁ ନେଇ ଅନିଲ ମାନସିକ ଚାପରେ ରହୁଥିଲେ। ଗତ ମଙ୍ଗଳବାରଠାରୁ ସେ ଘରୁ କେଉଁଆଡେ ଚାଲି ଯାଇଥିଲେ। ବୁଧବାର ସକାଳେ ଅନିଲଙ୍କ ବାପା ପି. ସୂର୍ଯ୍ୟ ନାରାୟଣ ପାତ୍ର ପୋଲିସ ଉପସ୍ଥିତିରେ ରେଳଧାରଣାରେ ପୁଅ ମୃତଦେହ ଚିହ୍ନଟ କରିଥିଲେ।

# ଆଇଟିଆଇ ସ୍ଥାପନ କରିବ 'ୱେଷ୍ଟ ଟୁ ୱେଲଥ' ମଡେଲ ବୁଥ୍

ବ୍ରହ୍ମପୁର,୮।୫(ଅଶୋକ କୁମାର ସାହୁ):

ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ଆସନ୍ତା ୧୩ ତାରିଖରେ ସାଧାରଣ ନିର୍ବାଚନ ମତଦାନ ହେବ । ଭୋଟରଙ୍କୁ ସଚେତନ କରିବା ପାଇଁ ଭିନ୍ନ ମଡେଲ ବୁଥ ନିର୍ମାଣ ହେବ। ଅଦରକାରୀ ସାମଗ୍ରୀରେ ତିଆରି ହୋଇଥିବା ଟୁଲ, ଟେବୁଲ ଓ ଅନ୍ୟାନ୍ୟ ଆସବାବପତ୍ର ୬ଟି ପ୍ରକଳ୍ପ ଏଥିରେ ସ୍ଥାନ ପାଇବ। ଏହି 'ୱେଷ୍ଟ ଟୁ ୱେଲଥ' ବୁଥ ସ୍ଥାନୀୟ ହିଲପାଟଣାରେ ସ୍ଥାପନ କରାଯିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଯୋଜନା କରାଯାଇଛି, ଯାହାକି ଭାରତରେ ପ୍ରଥମ। ଏହାର ଦାୟିତ୍ୱ ବ୍ରହ୍ମପୁର ଆଇଟିଆଇକୁ ଦିଆଯାଇଥିବା ଆଇଟିଆଇର ଅଧକ୍ଷ ରଜତ କୁମାର



ଟାୟାରରେ ନିର୍ମିତ ଚେୟାର।

ପାଣିଗ୍ରାହୀ କହିଛନ୍ତି। ଏହି ମଡେଲ ବୁଥ ନିର୍ମାଣର ଉଦ୍ଦେଶ୍ୟ ସମ୍ପର୍କରେ ପାଣିଗ୍ରାହୀ କହିଛନ୍ତି, ବର୍ତ୍ତମାନ ଋଷିକୁଲ୍ୟା ମୁହାଣକୁ ବହୁ ପରିମାଣରେ ବିରଳ ଅଲିଭ ରିଡଲେ କଇଁଛ ଅଣ୍ଡା ଦେବାକୁ ଆସୁଛନ୍ତି। ରାଜ୍ୟ ସରକାର ସେମାନଙ୍କ ସଂରକ୍ଷଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ତେଣୁ କଇଁଛ ଆକୃତିର ଏକ ମାସ୍କଟ ତିଆରି କରାଯାଇଛି। ଯେଉଁଥିରେ ୭ ହଜାର ଥଣ୍ଡାବୋତଲର ଠିପି ବ୍ୟବହାର କରାଯାଇଛି। ଏହାର ଉଚ୍ଚତା ରହିଛି ୬ ଫୁଟ। ୱେଷ୍ଟ ଟୁ ୱେଲଥ ପୋଲିଂ ବୁଥ ନିକଟରେ ୩ ଫୁଟ ଉଚ୍ଚତାର ଅଦରକାରୀ ଟାୟାରକୁ ନେଇ ଚଳନକ୍ଷମ ଟେବୁଲ ରହିଛି। ଭାରତ ମାନଚିତ୍ର ଥାଇ ଏକ ସେଲଫି ପଏଣ୍ଟ ବି ବୁଥ ବାହାରେ କରାଯିବ। ସେଠାରେ ଭୋଟରମାନେ ସେଲ୍ଫି ନେଇପାରିବେ। ୫ଟି ଷ୍ଟୁଲ ରହିବ। ସବୁଥିରେ ଅଦରକାରୀ ଟାୟାର ବ୍ୟବହାର କରାଯାଇଛି। ସେଥିରେ ପ୍ରଥମ,ଦ୍ୱିତୀୟ ପୋଲିଂ ଅଫିସର ଏବଂ ନିରାପତ୍ତା ରକ୍ଷୀମାନେ ବସିବା ଭଳି ବ୍ୟବସ୍ଥା ରହିଛି। ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ସଂରଞ୍ଜାମ ରଖିବା ପାଇଁ ୩ଟି ଟେବୁଲ ନିର୍ମାଣ କରାଯାଇଛି। ଏଥିରେ ମୋଟର ସାଇକେଲ ଟାୟାର ବ୍ୟବହାର କରାଯାଇଛି। ସେହିପରି ଇଭିଏମ ମେଶିନ ରଖିବା ପାଇଁ ଜିପ ଆକୃତିର ଟେବୁଲ ନିର୍ମାଣ କରାଯାଇଛି। ଫିଟର, ଇଲେକ୍ଟ୍ରିସିଆନ, ଇନଷ୍ଟ୍ରୁମେଣ୍ଟ ମେକାନିକ, ପେଣ୍ଟର ବିଭାଗର ପ୍ରାୟ ୪୦ ଛାତ୍ରୀଛାତ୍ର ଏହି ୬ଟି ପ୍ରକଳ୍ପ ନିର୍ମାଣ କରିଛନ୍ତି। ବିଏମସିର ଅନୁରୋଧ ରକ୍ଷା କରି ଗତ ୩ ତାରିଖରୁ ଏହା ନିର୍ମାଣ ଆରମ୍ଭ ହୋଇଛି। ଆସନ୍ତା ୧୦ ତାରିଖରେ କାର୍ଯ୍ୟ ସରିବ। ୧୩ ତାରିଖ ପୂର୍ବରୁ ଏହି ବୁଥ ସେଠାରେ ସ୍ଥାପନ କରାଯିବ। ୱେଷ୍ଟ ଟୁ ୱେଲଥ ପ୍ରକଳ୍ପ ପ୍ରଦର୍ଶନ କରି ବ୍ରହ୍ମପୁର ଆଇଟିଆଇ ବିଶ୍ୱ ରେକର୍ଡ ସ୍ଥାପନ କରିଛି ବୋଲି ପାଣିଗ୍ରାହୀ କହିଛନ୍ତି।

# ସର୍ବାଧିକ ଗ୍ରୀଷ୍ମକାଳୀନ ବିଜୁଳି ଚାହିଦା ପୂରଣ କରିଛି ଟିପିଏସ୍ଓଡିଏଲ

ବ୍ରହ୍ମପୁର,୮।୫(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସ୍ଓଡିଏଲ ପକ୍ଷରୁ ଗତ ୫ ତାରିଖରେ ୭୬୦ ମେଗାୱାଟର ସର୍ବାଧିକ ଗ୍ରୀଷ୍ମକାଳୀନ ବିଜୁଳି ଚାହିଦାକୁ ପୂରଣ କରିଛି। ଏଥିସହ ଦକ୍ଷିଣ ଓଡିଶାରେ ନିର୍ଭରଯୋଗ୍ୟ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ପୁଣି ଥରେ ପ୍ରମାଣିତ କରିଛି। ୨୦୨୩ ଏପ୍ରିଲ ମାସରେ ରେକର୍ଡ ହୋଇଥିବା ସର୍ବାଧିକ ବିଜୁଳି ଚାହିଦା ୬୬୮ମେଗାୱାଟ ତୁଳନାରେ ଚଳିତ ବର୍ଷର ଚାହିଦାରେ ଉଲ୍ଲେଖନୀୟ ୧୩.୭୭% ବୃଦ୍ଧିକୁ ଦର୍ଶାଉଛି। ଗତବର୍ଷ ସହରରେ ମଧ୍ୟ ବିଜୁଳି ଚାହିଦା ବୃଦ୍ଧି ପାଇ ୧୭୧ ମେଗାୱାଟରେ ପହଂଚିଥିଲା। ଗତବର୍ଷ ଏପ୍ରିଲ ୧୭ ତାରିଖରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ଚାହିଦା ୧୩୮ ମେଗାୱାଟ ତୁଳନାରେ ଏହା ୨୩.୯୧% ବୃଦ୍ଧି ହୋଇଛି। ଗ୍ରୀଷ୍ମ ପ୍ରକୋପ ବେଳେ ଉପଭୋକ୍ତାଙ୍କ ଭରସାଯୋଗ୍ୟ ବିଦ୍ୟୁତ ଚାହିଦାକୁ କମ୍ପାନୀ ପୂରଣ କରିଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ଯେ, ଗ୍ରୀଷ୍ମ ଦିନେ ଦକ୍ଷିଣ ଓଡିଶାର ବର୍ଦ୍ଧିତ ବିଜୁଳି ଆବଶ୍ୟକତା ପୂରଣ ପାଇଁ ଟିପିଏସଓଡିଏଲ ପ୍ରତିଶ୍ରୁତିବଦ୍ଧ। ବିଜୁଳି ଯୋଗାଇବା କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳ ସହାୟକ ହୋଇପାରିଛି ବୋଲି କହିଛନ୍ତି।

# ଏମ୍କେସିଜିରେ ବିଶ୍ୱ ଥାଲାସେମିଆ ଦିବସ




ବ୍ରହ୍ମପୁର,୮।୫(ସୁବାସ ଚନ୍ଦ୍ର ପାଢ଼ୀ):

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍କେସିଜି) ମେଡିକାଲ ଟ୍ରାନ୍ସଫରନ ମେଡିସିନ ବିଭାଗ ତଥା ରକ୍ତ ଭଣ୍ଡାର ପକ୍ଷରୁ ମେଡିକାଲ କଲେଜ ପରିସରରେ ବୁଧବାର ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଆସୋସିଏଟ ପ୍ରଫେସର୍ ଡ଼ା. ସବିତା ପଲାଇ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖ୍ରୀଷ୍ଟିଆନ ହସ୍ପିଟାଲ ନିର୍ଦ୍ଦେଶକ ଡ଼ା. ମିନାଲ କାନ୍ତି ନନ୍ଦ, ସମ୍ମାନନୀୟ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜ ଡିନ୍ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର, ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡ଼ା. ସୁଚିତ୍ରା ଦାଶ, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା ଓ ଶିଶୁ ଶଲ୍ୟଚିକିତ୍ସା ବିଭାଗର ବିଭାଗୀୟ ମୁଖ୍ୟ ଆସୋସିଏଟ ପ୍ରଫେସର୍ ଡ଼ା. ମାନସ ରଞ୍ଜନ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଥାଲାସେମିଆ ରୋଗୀଙ୍କୁ ଚିକିତ୍ସା ପଦ୍ଧତି ଓ ବର୍ଣ୍ଣ ମେରୋ ପ୍ରତିରୋପଣ ସହ ଅନ୍ୟାନ୍ୟ ରୋଗ ସଂପର୍କିତ ଆଲୋଚନା କରାଯାଇଥିଲା। ଥାଲାସେମିଆ ରୋଗୀମାନେ ଏଠାରେ ନିଜ ନିଜର ଜୀବନ ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଜୀବନକୁ ସଶକ୍ତ କରିବା, ପ୍ରଗତି ଗ୍ରହଣ କରିବା, ସମସ୍ତଙ୍କ ପାଇଁ ସମାନ ଥାଲାସେମିଆ ଚିକିତ୍ସା ଉପଲବ୍ଧ କରିବା ନିମନ୍ତେ ଚଳିତ ବର୍ଷ କାର୍ଯ୍ୟକ୍ରମରେ ନାରା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ ଜିଲାର ରୋଗୀ ଓ ସେମାନଙ୍କ ସଂପର୍କୀୟ ଉପସ୍ଥିତ ଥିଲେ। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ା. ରଶ୍ମିତା ପାଣିଗ୍ରାହୀ, ଡ଼ା. ସୁଜ୍ଞାନୀ ନାୟକ, ଡ଼ା. ରଶ୍ମିତା ପାଣିଗ୍ରାହୀ, ଡ଼ା. ମୁନାମଙ୍ଗଳ ମାରାଣ୍ଡି, ଡ଼ା. ଭି. ଅଶ୍ରିତା, ଡ଼ା. ମନୋଜ ଟୁଡୁ, ଡ଼ା. ଅଭିନାଶ ରଥ, ପ୍ରଶାନ୍ତ କୁମାର ଶତପଥୀ, ଅସିତ କୁମାର ଶତପଥୀ, ଏସ. କେ ପାଣିଗ୍ରାହୀ, ହରେକୃଷ୍ଣ ସାହୁ ଓ ବସନ୍ତ ହେବହେରାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏବଂ ଶିଶୁମାନେ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ, କନ୍ଧମାଳ ଗସ୍ତ

## କନିଷି, ଆସିକା ଓ ଫୁଲବାଣୀରେ ପ୍ରଚାର କରିବେ

ବ୍ରହ୍ମପୁର/ଗୋପାଳପୁର/ଫୁଲବାଣୀ, ୮।୫(ନରସିଂହ ସାହୁ/ନବୀନରାଜ ଆଚାରୀ/ରାକେଶ କୁମାର ରାଉତ)



ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଗଞ୍ଜାମ ଓ କନ୍ଧମାଳ ଜିଲା ଗସ୍ତରେ ଆସି ନିର୍ବାଚନ ପ୍ରଚାର କରିବେ। ସକାଳ ସାଢ଼େ ୧୦ଟାରେ ନବୀନ ରଙ୍ଗେଇଲୁଣ୍ଡା ବିମାନ ପଡ଼ିଆରେ ଓହ୍ଲାଇବେ। ସେଠାରୁ ସଡ଼କ ପଥରେ ଆସି ଗୋପାଳପୁର ନିର୍ବାଚନ ମଣ୍ଡଳୀ କନିଷିରେ ପହଞ୍ଚିବେ। ପୂର୍ବାହ୍ନ ୧୧ଟାରେ ଆୟୋଜିତ ସଭାରେ ଲୋକସଭା ଓ ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିବେ। ଗତ ସୋମବାର କନିଷିଠାରେ ହୋଇଥିବା ଭାଜପାର ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିଲେ। ଏହାର ଦୁଇ ଦିନ ପରେ ନବୀନଙ୍କ ଗସ୍ତକୁ ରାଜନୈତିକ ଗୁରୁତ୍ୱ ଦିଆଯାଇଛି। ବିଜେଡି ସରକାରକୁ ମୋଦୀ ଶାଣିତ ଆକ୍ରମଣ କରି ଜୁନ ୧୦ରେ ଓଡ଼ିଶାରେ ଭାଜପା ସରକାରର ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ ବୋଲି ଘୋଷଣା କରିଥିଲେ। ତେଣୁ କନିଷି ସଭାରେ ନବୀନ କ'ଣ କହିବେ ସେ ନେଇ ଅପେକ୍ଷା କରାଯାଇଛି। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ଆସିକା ଗସ୍ତ କରି ୧୧.୪୫ ମିନିଟ୍ରେ ଆୟୋଜିତ ସମାବେଶରେ ଉଦବୋଧନ ଦେବେ। ପରେ କନ୍ଧମାଳ ଜିଲା ଫୁଲବାଣୀ ଯାଇ ନିର୍ବାଚନୀ ସଭାରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ମଧ୍ୟାହ୍ନ ୧.୧୦ରେ କନ୍ଧମାଳ ଷ୍ଟାଡିୟମରେ ପହଞ୍ଚି ନିର୍ବାଚନୀ ସଭାରେ ସମ୍ବୋଧିତ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯକ୍ରମ ପ୍ରଚାରିତ ପରେ ଦଳର କର୍ମୀ ଓ ନେତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଛି।

### ଗାଡ଼ି ଧକ୍କାରେ ପରିବା ବେପାରୀଙ୍କ ମୃତ୍ୟୁ

ବ୍ରହ୍ମପୁର,୮।୫(ସୁବାସ ଚନ୍ଦ୍ର ପାଢ଼ୀ):ବ୍ରହ୍ମପୁର ଟ୍ରାଫିକ ଥାନା ଅନ୍ତର୍ଗତ ହଳଦିଆପଦର ଓଭରବ୍ରିଜ ନିକଟ ପରିବା ବଜାରରେ ବୁଧବାର ସକାଳେ ଏକ ଟାଟା ଏସ୍ଇ ଧକ୍କାରେ ଜଣେ ପରିବା ବିକାଳିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାଟପୁର ଥାନା ଅନ୍ତର୍ଗତ ଚକ୍ରପୁରର ଏସ.ଦେବରାଜ ଦୋରା(୫୨)। ଗୁରୁତର ଯୁବକ ଗୋଳନ୍ଥରା ଥାନା ଅନ୍ତର୍ଗତ ଚନ୍ଦନପୁର ଗ୍ରାମର ଉମା ଚରଣ ଦାସଙ୍କ ଦୁଇ ଗୋଡ ଉପରେ ଗାଡି ଚଢ଼ିଯାଇଛି। ସେ ଏମ୍କେସିଜି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ଗାଡି (ନଂ.ଓଡି ୦୭ ଏଜେ ୯୦୫୧)କୁ ପୋଲିସ ଜବତ କରିଛି। ଗାଡ଼ି ଚାଳକ ଫେରାର ଅଛନ୍ତି। ଏ ନେଇ ନଂ.୨୬୦/୨୪ରେ ଏକ ମାମଲା ରୁଜୁ ହୋଇଛି। ପରିବା ବ୍ୟବସାୟୀ ଏସ.ଦେବରାଜ ବ୍ରହ୍ମପୁରରେ ରହୁଥିବାବେଳେ ପ୍ରତିଦିନ ଭଳି ଠେଲା ଧରି ପରିବା ଆଣିବା ପାଇଁ ବଜାରକୁ ଯାଇଥିଲେ। ସେ ଠେଲାରେ ପରିବା ବୋଝେଇ କରୁଥିବାବେଳେ ତାଙ୍କ ନିକଟରେ ଖଲାସି ଉମାଚରଣ ଠିଆ ହୋଇଥିଲେ। ଟାଟା ଏସ୍ଇ ଗାଡିଟି ତାଙ୍କ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦେବରାଜଙ୍କ ମୃତ୍ୟୁ ଘଟିଥିବାବେଳେ ବ୍ୟବସାୟୀମାନେ ଆହତ ଉମା ଚରଣଙ୍କୁ ଉଦ୍ଧାର କରି ଏମକେସିଜିକୁ ପଠାଇଥିଲେ।

# ପିଣ୍ଟୁଙ୍କ ପାଇଁ ପ୍ରଚାର କଲେ ସ୍ତ୍ରୀ ଆଶା

## ସାମିଲ ହେଲେ ଶତାଧିକ ମହିଳା ସମର୍ଥକ



ଶିବଶଙ୍କର ଦାସ (ପିଣ୍ଟୁ)ଙ୍କ ସହିତ ସ୍ତ୍ରୀ ଆଶା ଦାଶ ପ୍ରଚାର କରୁଛନ୍ତି।

ବ୍ରହ୍ମପୁର,୮।୫(ଅଶୋକ କୁମାର ସାହୁ):

ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବା ଶିବ ଶଙ୍କର ଦାସ(ପିଣ୍ଟୁ) ପ୍ରଚାରକୁ ଜୋରଦାର କରିଛନ୍ତି। ପିଣ୍ଟୁଙ୍କ ସହିତ ତାଙ୍କ ସ୍ତ୍ରୀ ଆଶା ଦାଶ ମଧ୍ୟ ନିଆରା ଢଙ୍ଗରେ ପ୍ରଚାର କରି ମହିଳାଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। ବୁଧବାର ଉଭୟେ ଗେଟବଜାର ବଡ଼ ହରିଜନ ସାହିରେ ମହିଳାମାନଙ୍କୁ ନେଇ ଶୋଭାଯାତ୍ରା କରିଥିଲେ। ଶିବଶଙ୍କରଙ୍କ ସହିତ ତାଙ୍କ ସ୍ତ୍ରୀ ମିଶି ଲୋକଙ୍କୁ ଭେଟୁଥିବାରୁ ପ୍ରଚାର ରୋଚକ ସ୍ଥିତିରେ ପହଞ୍ଚିଛି। ସେମାନେ ଗଳିକନ୍ଦି ବୁଲି ଘରକୁ ଘର ଯାଇ ମେୟର ଥିବା ସମୟରେ ସେ କରିଥିବା ବିକାଶମୂଳକ କାର୍ଯ୍ୟକୁ ଲୋକଙ୍କ ନିକଟରେ କହୁଛନ୍ତି। ଗତ ୧୦ ବର୍ଷରେ କ'ଣ ବିକାଶ ହୋଇଛି ତାକୁ ବି ଭୋଟରଙ୍କୁ କହି ଭୋଟ ଭିକ୍ଷା କରୁଛନ୍ତି।

# କେନ୍ଦ୍ର ସରକାର ଉପରେ ବର୍ଷିଲେ ବିକ୍ରମ




ମନ୍ତ୍ରୀ ଏକ ସଭାରେ ଉଦ୍ବୋଧନ ଦେଉଛନ୍ତି।

ଭଞ୍ଜନଗର,୮।୫(ବାବୁଲା ପ୍ରଧାନ):

ଅର୍ଥମନ୍ତ୍ରୀ ତଥା ଭଞ୍ଜନଗର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ବୁଧବାର ଭଞ୍ଜନଗର ବ୍ଲକରୁ ପ୍ରଚାର ଆରମ୍ଭ କରିଛନ୍ତି। ମୁଜଗଡ଼, ବାଇବାଲି, ଗୁଣ୍ଡିରିବାଡି ଏବଂ ଲାଲସିଂ ପଞ୍ଚାୟତରେ ଦଳୀୟ ସଭା କରି କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଛନ୍ତି। ଏଥିସହ ନିଜ ପାଇଁ ଏବଂ ବିଜେଡି ଏମପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଲାଲସିଂ ଠାରେ ଅନୁଷ୍ଠିତ ସଭାରେ ଆରୁଖ କହିଛନ୍ତି ଯେ, ଦେଶରେ ବର୍ତ୍ତମାନ ଯେତେ ସବୁ ସ୍ୱାସ୍ଥ୍ୟକାର୍ଡ ବ୍ୟବହାର ହେଉଛି ସେଥିମଧ୍ୟରେ ଓଡିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସକେୱାଇ) ହେଉଛି ଶ୍ରେଷ୍ଠ ଯୋଜନା। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ହଠାତ ରୋଗୀଙ୍କୁ ଟଙ୍କା ସୁବିଧା ମିଳିନଥାଏ। ଉକ୍ତ ଯୋଜନାରେ ବୀମା କମ୍ପାନୀ ମାଧ୍ୟମରେ ଟଙ୍କା ମିଳିବା ବେଳକୁ ରୋଗୀ ଆଉ ନଥିବେ। କିନ୍ତୁ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡଟି ଏଟିଏମ ଭଳି। ରୋଗୀ ମେଡ଼ିକାଲରେ ଭର୍ତ୍ତି ହେଉ ହେଉ ତାହା କାମ ଦେଇଥାଏ ବୋଲି ବିକ୍ରମ କହିଥିଲେ। ଏହି ଯୋଜନାରେ ରାଜ୍ୟ ସରକାର ବାର୍ଷିକ ୩୦୦୦ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନାରେ ବର୍ଷକୁ ମାତ୍ର ୩୦୦ କୋଟି ଟଙ୍କା ଦେଉଛନ୍ତି। କେନ୍ଦ୍ର ସରକାରଙ୍କ ମିଥ୍ୟା କଥା ଲୋକେ ସବୁ ଜାଣି ସାରିଲେଣି ବୋଲି ଶ୍ରୀ ଆରୁଖ କହିଥିଲେ। ସଭା ଗୁଡ଼ିକରେ ବ୍ଲକ ଅଧକ୍ଷ ନରୀସଭା ନାୟକ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ, ସମାଜସେବୀ ବିଷ୍ଣୁ ପ୍ରସାଦ ପ୍ରଧାନ, ସରପଞ୍ଚ ଶିବରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନଙ୍କ ପ୍ରଚାର

ଭଞ୍ଜନଗର,୮।୫(ବାବୁଲା ପ୍ରଧାନ): ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ପ୍ରଚାରକୁ ଜୋରଦାର କରିଦେଇଛନ୍ତି। ସେ ଆଜକୁ ୩ ଦିନ ହେବ ଭଞ୍ଜନଗର ସହରର ବିଭିନ୍ନ ଗଳି କନ୍ଦି ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏହି ସମୟରେ ସେ ଏମପି ପ୍ରାର୍ଥୀଙ୍କ ପାଇଁ ମଧ୍ୟ ଭୋଟ ଭିକ୍ଷା କରୁଛନ୍ତି। ପ୍ରଦ୍ୟୁମ୍ନଙ୍କ ଏହି ଗସ୍ତ ସମୟରେ ଭାଜପା ନେତା ବିଷ୍ଣୁ ପ୍ରଧାନ, ସନ୍ତୋଷ ତିଆଡି, ସନ୍ତୋଷ ପାଳ, ଅଯୋଧ୍ୟା ନାଥ ମହାପାତ୍ର, ମାନସ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ସଭାରେ ପ୍ରଦ୍ୟୁମ୍ନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଚାର କରି ଭୋଟ ଭିକ୍ଷା କରୁଛନ୍ତି।

# ଗଞ୍ଜାମ ଓକିଲ ସଂଘ ସାଧାରଣ ପରିଷଦ ବୈଠକ

ବ୍ରହ୍ମପୁର,୮।୫ (ସୁବାସ ଚନ୍ଦ୍ର ପାଢ଼ୀ):

ଗଞ୍ଜାମ ଓକିଲ ସଂଘର ସାଧାରଣ ପରିଷଦ ବୈଠକ ସଭାପତି ନୟନଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ବ୍ରହ୍ମପୁର ବାହାରେ ଜୁଡିସିଆଲ କଂପ୍ଲେକ୍ସ ନିର୍ମାଣ କରିବା ବଦଳରେ ବ୍ରହ୍ମପୁର ଠାରେ ହିଁ ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ସେହିପରି ୨ ବର୍ଷକୁ ଥରେ ଓକିଲ ସଂଘର ନିର୍ବାଚନ କରାଯିବା ନେଇ ଆଲୋଚନା ହୋଇଥିଲା । ଏଥିରେ ସଂଘ ସଦସ୍ୟମାନେ ରାଜି ହୋଇ ନ ଥିଲେ। ଓକିଲ ସଂଘର ସଦସ୍ୟଙ୍କ ମୃତ୍ୟୁ ପରେ ୫୦ ହଜାର ବଦଳରେ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା । ହେଲେ ବର୍ତ୍ତମାନ



ସେହି ସହାୟତା ରାଶି ବୃଦ୍ଧି କରିବା ସମ୍ଭବ ନୁହଁ ବୋଲି କିଛି ଆଇନଜୀବୀ ମତ ପ୍ରକାଶ କରିଥିଲେ। ୫ ବର୍ଷ ହେବ ସଂଘର ଅଡିଟ ହୋଇ ନ ଥିବାରୁ ତୁରନ୍ତ ଅଡିଟ ପାଇଁ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା । ବୈଠକରେ ସଂଘ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଉପସଭାପତି ରାମପ୍ରସାଦ ପଣ୍ଡା, ସହ ସମ୍ପାଦକ ଗିରିଜା ଶଙ୍କର ବେହେରା, ୨ ଉପଦେଷ୍ଟା କୃଷ୍ଣପ୍ରସାଦ ସାହୁ, ଶିଶିର ପାଢୀ, କାର୍ଯ୍ୟକାରିଣୀ ସଦସ୍ୟ ସମେତ ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ନିରଞ୍ଜନ ନାୟକ, ପ୍ରସାଦ ଦୋରା, ରମେଶ ପ୍ରଧାନ, ରଘୁନାଥ ପାଣିଗ୍ରାହୀ, ଅକ୍ଷୟ କୁମାର ପଟ୍ଟନାୟକ, ବରୁଣ ଗୌଡ , ସଞ୍ଜୟ ମିଶ୍ର, ଶିତାଂଶୁ ପଣ୍ଡା, ରଜନୀ ନାୟକ ପ୍ରଫୁଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାଜପା ସରକାର ହେଲେ ବ୍ରହ୍ମପୁରରେ ଆଇଟି ପାର୍କ

## କେନ୍ଦ୍ରମନ୍ତ୍ରୀ ଭୂପେଶ ଯାଦବଙ୍କ ସୂଚନା

ବ୍ରହ୍ମପୁର,୮।୫(ନରସିଂହ ସାହୁ): ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ଏଥର ପଦ୍ମ ଫୁଟିବ। ଏମପି ପ୍ରାର୍ଥୀଙ୍କ ସମେତ ୭ ବିଧାୟକ ପ୍ରାର୍ଥୀଙ୍କ ଜିତାପଟ ହେବ। ଓଡ଼ିଶାରେ ଭାଜପା ସରକାର ଶାସନ କରିବ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି କାର୍ଯ୍ୟକ୍ରମରେ ରାଜ୍ୟର ବହୁମୁଖୀ ବିକାଶ ହୋଇପାରିବ। ଭାଜପା ଶାସନରେ ଓଡ଼ିଶାରେ ବ୍ରହ୍ମପୁର ସମେତ ୪ଟି ଆଇଟି ପାର୍କ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଭୂପେଶ ଯାଦବ ସୂଚନା ଦେଇଛନ୍ତି। ତେଣୁ ରାଜ୍ୟବାସୀ ବିଜେଡି ସରକାରକୁ ହଟାଇ ପରିବର୍ତ୍ତନ ହାୱାରେ ଭାଜପା ସରକାର ଗଠନ ଲାଗି ସହଯୋଗ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ବୁଧବାର ବ୍ରହ୍ମପୁର ଗସ୍ତରେ ଆସିଥିଲେ। ବିଧାନସଭା କ୍ଷେତ୍ରର ନିର୍ବାଚନୀ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ପ୍ରଧାନମନ୍ତ୍ରୀଙ୍କ ଗୋପାଳପୁର ଜନସଭାରେ ଯେଉଁ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ନେଇ ସମ୍ବୋଧିତ କଲେ, ସେଥିରେ ଭାଜପା ପ୍ରତି ଲୋକଙ୍କ ଆତ୍ମ ବିଶ୍ୱାସ ବଢ଼ିଯାଇଛି। ଫଳରେ ପ୍ରାର୍ଥୀମାନେ ବିପୁଳ ଭୋଟରେ ନିର୍ବାଚିତ ହେବାର ବାଟ ଫିଟିଛି। ପାର୍ଟିର ନିର୍ବାଚନୀ ଇସ୍ତାହାର ବା ସଂକଳ୍ପ ପତ୍ରରେ ଯାହା ଦର୍ଶାଯାଇଛି ସେସବୁ ପୂରଣ ହେବ ଏବଂ ରାଜ୍ୟରେ ନୂଆ ରାଜନୈତିକ ଯୁଗ ଆରମ୍ଭ ହେବ। ରାଜ୍ୟରେ ନୂଆ ସରକାର ପର୍ଯ୍ୟଟନ ଶିଳ୍ପର ବିକାଶ କରିବ ଓ ଏହାଦ୍ୱାରା ଗଞ୍ଜାମ ଜିଲା ଉପକୃତ ହେବାର ଯାଦବ ପ୍ରତିଶ୍ରୁତି ଦେଇଥିଲେ। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ବ୍ରହ୍ମପୁରରେ ସଦ୍ୟ ଘଟିଥିବା ନାବାଳିକା କଲେଜ ଛାତ୍ରୀଙ୍କୁ ଗଣ ବଳାତ୍କାରକୁ ପ୍ରସଙ୍ଗ କରିଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ଶାସକ ବିଜେଡିର ହୋଇଥିବା ଅଭିଯୋଗ କରିଥିଲେ। ଗୃହ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତରେ ଅଛି ଏବଂ ପୋଲିସର ଅପାରଗତା ଯୋଗୁ ନାରୀ ନିର୍ଯାତନା ଓ ଅନ୍ୟ ଅପରାଧିକ କାର୍ଯ୍ୟ ରେଶମ ସହରରେ ବଢ଼ି ଚାଲିଥିବା ଦର୍ଶାଇଥିଲେ। ଏହାର ପ୍ରତିବାଦରେ ଭାଜପା ଓ ମହିଳା ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ପାଣିଗ୍ରାହୀ ସୂଚନା ଦେଇଥିଲେ। ଭାଜପାର ଜୋନସ୍ତରୀୟ ମିଡିଆ ସେଣ୍ଟର ସଂଯୋଜନାରେ ହୋଇଥିବା ସମ୍ମିଳନୀରେ ଲୋକସଭା ପ୍ରଭାରୀ ଅଶୋକ ମିଶ୍ର, ସଂଯୋଜକ ସରୋଜ ସାବତ, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ମିଡିଆ ମୁଖ୍ୟ ସୁନୀଲ ସାହୁ ଓ ସହଯୋଗୀ ରାଜେଶ ପଟ୍ଟନାୟକ ଓ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ କେ. ଅନୀଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

